# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28 December - 2024**

**News Editor : Itishree Singh Rathaur**

**************************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ
- ରାଜ୍ୟରେ ଆସନ୍ତା ସୋମବାର ସୁଦ୍ଧା ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତିର ଆକଳନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟରେ କପା ଉତ୍ପାଦନ ଓ ବିକ୍ରୟ ବ୍ୟବସ୍ଥା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ କପା ନିଗମର ସିଏମ୍‌ଡିଙ୍କ ମଧ୍ୟରେ ଆଲୋଚନା

ଏବଂ

- ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଆଜି ଆରମ୍ଭ ହେଉଛି ହକି ଇଣ୍ଡିଆ ଲିଗ୍

– ଗୋନାସିକା ଏବଂ ଦିଲ୍ଲୀ ପାଇପର୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା

*GNR*

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୭ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

*BBSR/R*

## ଫସଲ ଆକଳନ ବୈଠକ

ରାଜ୍ୟରେ ଅଦିନିଆ ବର୍ଷାରେ ହୋଇଥିବା ଫସଲର କ୍ଷୟକ୍ଷତି ଆକଳନ ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ଆସନ୍ତା ସୋମବାର ୩୦ ତାରିଖ ମଧ୍ୟରେ ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ ସହିତ ପ୍ରକୃତ କ୍ଷତିଗ୍ରସ୍ତ

ଚାଷୀମାନଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ୨୦ରୁ ୨୮ ତାରିଖ ମଧ୍ୟରେ ହୋଇଥିବା ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତିରେ ବି କ୍ଷତିଗ୍ରସ୍ତ ଚାଷୀ ସହାୟତାରୁ ବଞ୍ଚିତ ନ ହେବା ପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୀମା କରିଥିବା ସମସ୍ତ ଚାଷୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କ୍ଷୟକ୍ଷତି ସମ୍ପର୍କରେ ବୀମା କମ୍ପାନୀମାନଙ୍କୁ ସୂଚନା ଯୋଗାଇ ଦେବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ଫସଲ ଅମଳର ପରବର୍ତ୍ତୀ କ୍ଷୟକ୍ଷତିର ସୂଚନା କୃଷକ ରକ୍ଷକ ପୋର୍ଟାଲ ମାଧ୍ୟମରେ କିମ୍ବା ୧୪୪୪୭ ନମ୍ବରରେ ଫୋନ୍ କରି ଜଣାଇବାକୁ ଶ୍ରୀ ମାଝୀ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୨୬ ହଜାର ଚାଷୀ କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେଇଛନ୍ତି।

***Desk***

# କୃଷକ ପଞ୍ଜିକରଣ

ଡିଜିଟାଲ କୃଷି ଅଧୀନରେ କୃଷକ ପଞ୍ଜିକରଣ ପ୍ରକ୍ରିୟା ଆସନ୍ତା ମାସ ପହିଲା ତାରିଖରୁ ପଞ୍ଚାୟତସ୍ତରୀୟ ଶିବିର ମାଧ୍ୟମରେ ଆରମ୍ଭ ଆବେଦନ କରିବା ପାଇଁ ଚାଷୀମାନଙ୍କ ଜମି ନିଜ ନାମରେ ଥିଲେ ଆଧାର କାର୍ଡ, ଭୂଲେଖ ପଟା, ଆଧାର ସଂଯୁକ୍ତ ମୋବାଇଲ ନମ୍ବରର ଆବଶ୍ୟକତା ରହିଛି । ଯେଉଁ ଚାଷୀମାନଙ୍କ ଜମିଜମା ରେକର୍ଡ ନିଜ ନାମରେ ନଥିବ ସେମାନେ ଭୂଲେଖରେ ଥିବା ମୃତ ଜମିଧାରୀଙ୍କ ମୃତ୍ୟୁ ପ୍ରମାଣପତ୍ର ଓ

ଉତ୍ତରାଧିକାରୀ ପ୍ରମାଣପତ୍ର ସହ ରେକର୍ଡ ସଂଶୋଧନ ପରେ କୃଷକ ପଞ୍ଜିକରଣ ପୋର୍ଟାଲରେ **odfr.agristack.gov.in**ରେ ପଞ୍ଜିକରଣ କରିପାରିବେ । କୃଷକମାନେ ଅଧିକ ସୂଚନା ପାଇଁ ୧୫୫-୩୩୩ ନମ୍ବରରେ ଯୋଗାଯୋଗ କରିପାରିବେ । ଏହି ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

***BBSR/R***

## ଓୟୁଟିଆର୍ ଜାତୀୟ ସମ୍ମିଳନୀ

ଓଡ଼ିଶା କେମିକାଲ ସୋସାଇଟି ପକ୍ଷରୁ ପଦାର୍ଥ ରସାୟନ ବିଜ୍ଞାନରେ ଅଗ୍ରଗତି ସମ୍ପର୍କିତ ତିନିଦିନିଆ ଜାତୀୟ ସମ୍ମିଳନୀ ଆଜି ଭୁବନେଶ୍ୱରସ୍ଥିତ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ– ଓୟୁଟିଆର୍’ରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ରସାୟନ ବିଜ୍ଞାନକୁ ବିଜ୍ଞାନର ମୂଳଭିତ୍ତି ବୋଲି କହିବା ସହ ରାଜ୍ୟରେ ଏକ ଉତ୍ସର୍ଗୀକୃତ ରସାୟନ ବିଜ୍ଞାନ ପ୍ରତିଷ୍ଠାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମାଜର ପ୍ରଗତିରେ ଆବଶ୍ୟକୀୟ ଯୋଗଦାନ ଉଦ୍ଦେଶ୍ୟରେ ଆସନ୍ତା ଦୁଇଦିନ ଧରି ଏହି ସମ୍ମିଳନୀରେ ଏକାଧିକ ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ ।

*Desk*

## ଇସ୍ରୋ

ଭାରତୀୟ ମହାକାଶ ଗବେଷଣା ସଂଗଠନ– ଇସ୍ରୋ ଆସନ୍ତା ସୋମବାର ଏହାର ସ୍ପେସ୍ ଡକିଂ ପରୀକ୍ଷଣ ସ୍ପାଡେକ୍ସ ଅଭିଯାନ ଆରମ୍ଭ କରିବ। ମହାକାଶ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି, ଇସ୍ରୋ ପାଇଁ ଏହା ଚଳିତ ବର୍ଷର ଶେଷ ମିଶନ, ଯାହାକି ଐତିହାସିକ ହେବ। ମହାକାଶରେ ଦୁଇଟି ଉପଗ୍ରହକୁ ଡକ୍ କିମ୍ବା ବିଲୟ କରିବାର ବିରଳ ପ୍ରୟାସ କରାଯିବ। ଡକ୍ଟର ସିଂ କହିଛନ୍ତି, ସ୍ପାଡେକ୍ସ ମିଶନ ସ୍ପେସ୍ ଡକିଂକୁ ଆୟତ କରିବାରେ ସକ୍ଷମ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସହାୟକ ହେବ।

*BBSR/R*

## କପା ଉତ୍ପାଦନ

ଭୁବନେଶ୍ୱର ଲୋକସେବା ଭବନରେ ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଭାରତୀୟ କପା ନିଗମର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଲଳିତ ଗୁପ୍ତା  ସାକ୍ଷାତ କରିଛନ୍ତି। ଏହି ସମୟରେ ରାଜ୍ୟରେ କପା ଉତ୍ପାଦନ ବିକ୍ରୟ ବ୍ୟବସ୍ଥା ଏବଂ ଏଥିରେ ଥିବା ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ସୂଚନା ଅନୁସାରେ, ବର୍ତ୍ତମାନ ଓଡ଼ିଶାରେ ୨ ଲକ୍ଷ ୩୯ ହଜାର ହେକ୍ଟର ଜମିରେ କପା ଚାଷ କରାଯାଉଛି। ଚଳିତ ବର୍ଷ ୪୦ ଲକ୍ଷ କୁଇଣ୍ଟାଲ କପା ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି।

*Desk*

## ଶ୍ରୀମନ୍ଦିର ନୂଆବର୍ଷ କଟକଣା

ନୂଆବର୍ଷରେ ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସହରର ବିଭିନ୍ନ ସ୍ଥାନରେ, ଶ୍ରୀମନ୍ଦିର ଭିତରେ ଓ ବାହାରେ ୬୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ । ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ପର୍ଯ୍ୟଟକଙ୍କ ସୁରକ୍ଷା, ଟ୍ରାଫିକ ସୁପରିଚାଳନାକୁ ଗୁରୁତ୍ୱ ଦିଆଯିବ ବୋଲି ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ  କହିଛନ୍ତି। ଶ୍ରୀମନ୍ଦିରର ମୁଖ୍ୟ ପ୍ରବେଶ ପଥରେ ଯାଞ୍ଚକୁ କଡ଼ାକଡ଼ି କରାଯିବ । ସମୁଦ୍ର କୂଳରେ ଅଘଟଣ ରୋକିବାକୁ ଡିସେମ୍ବର ୩୧ ଓ ଜାନୁଆରୀ ୧ ତାରିଖ ଦୁଇଦିନ ପାଇଁ ଲାଇଫ ଗାର୍ଡ ମୁତୟନ ରହିବେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଚାରିଚକିଆ ଯାନ ପାଇଁ ଭିନ୍ନ ଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି।

*HS*

## ଅଗ୍ନିଶମ ବିଭାଗ-ସନ୍ଧାନୀ କୁକୁର

ଦେଶରେ ପ୍ରଥମଥର ପାଇଁ ଓଡ଼ିଶା ଅଗ୍ନିଶମ ବିଭାଗରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ କୁକୁର କେ-ନାଇନ୍ ଡଗ୍‌ସ୍କ୍ୱାର୍ଡକୁ ସାମିଲ କରାଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ପାଇଁ ଅପହଞ୍ଚ୍ କ୍ଷେତ୍ରରେ ତାଲିମପ୍ରାପ୍ତ କେ-ନାଇନ୍ ସନ୍ଧାନୀ କୁକୁର ଦଳ ଭୂମିକମ୍ପ, ଭୂସ୍ଖଳନ ଭଳି ବିପର୍ଯ୍ୟୟ

ସମୟରେ ଉଦ୍ଧାର କାର୍ଯ୍ୟରେ ସହାୟତା କରିବେ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି ।

***Malkangiri***

## ମହିଳା ମାଓବାଦୀ ଗିରଫ

ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଗୁଣ୍ଡାୱାଡ଼ା ଗ୍ରାମ ନିକଟରୁ ପୁଲିସ ଆଜି ଜଣେ ଏରିଆ କମିଟି ସଦସ୍ୟଙ୍କ ସମେତ ତିନି ଜଣ ମହିଳା ମାଓବାଦୀଙ୍କୁ ଗିରଫ କରିଛି । ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ଏହି ସୂଚନା ଦେଇଛନ୍ତି ।

***Desk***

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ଆଜିଠାରୁ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମଠାରେ ଆରମ୍ଭ ହେଉଛି । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଆସନ୍ତା ମାସ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏ ସମ୍ପର୍କରେ ଆକାଶବାଣୀ ସମାଚାର କଟକକୁ ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ କହିଛନ୍ତି...

**- V/O -**

ଗୋନାସିକା ଏବଂ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଆଜି ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ଆଜି ରାତି ୮ଟା ୧୫ ମିନିଟ୍ ସମୟରେ ଖେଳାଯିବ। ଏହି ପ୍ରତିଯୋଗିତାରେ ଖେଳାଳିମାନେ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି

ଆକାଶବାଣୀକୁ ଗୋନାସିକା ଦଳର ଖେଳାଳି ନିଲମ ସଞ୍ଜିପ ଖେସ୍ କହିଛନ୍ତି...

**- V/O -**

ଆସନ୍ତା ମାସ ୩୧ ତାରିଖରେ ଦୁଇଟିଯାକ ସେମିଫାଇନାଲ ମ୍ୟାଚ୍ ଏବଂ ଫେବୃୟାରୀ ପହିଲାରେ ଫାଇନାଲ ମ୍ୟାଚ୍ ଖେଳାଯିବ । ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ବିୟୋଗ ଯୋଗୁଁ ୭ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ ହେତୁ ଉଦ୍‌ଘାଟନୀ ସମାରୋହ ନିଡ଼ାମ୍ବର ସହକାରେ ହେବ । ଏଥିରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ ବୋଲି ଘୋଷଣା କରାଯାଇଛି ।

***Sambalpur***

## ଫୁଟବଲ ଟୁର୍ଣ୍ଣାମେଣ୍ଟ

ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ ପକ୍ଷରୁ ସମ୍ବଲପୁର ରେଳବାଇ ଷ୍ଟାଡିୟମ୍‌ଠାରେ ଗତ ୨୨ ତାରିଖଠାରୁ ଆରମ୍ଭ ହୋଇଥିବା ଆନ୍ତଃବିଭାଗୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଛି। ଇଞ୍ଜିନିୟରିଂ ଏବଂ ଇଲେକ୍‌ଟ୍ରିକାଲ ଦଳ ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଇଲେକ୍‌ଟ୍ରିକାଲ ଦଳ ବିଜୟୀ ହୋଇଥିଲା। ଅତିରିକ୍ତ ମୁଖ୍ୟ ରେଳ ପ୍ରବନ୍ଧକ ଆନନ୍ଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

*Nuapada*

## କ୍ରିକେଟ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ୨୧ତମ କେ.ସି.ଏସ୍.ଏ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନରେ ଆଜି ବଲାଙ୍ଗୀର' ସୋନପୁରକୁ ପରାସ୍ତ କରି ୩୩ ରନ୍‌ରେ ବିଜୟୀ ହୋଇଛି ।

*Desk*

## ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ସୋମବାର ୩୦ ତାରିଖ ଦିନ ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ହେବ । ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ janasunani.odisha.gov.in କିମ୍ବା ଜନଶୁଣାଣି ମୋବାଇଲ୍ ଆପ୍ଲିକେଶନ ମାଧ୍ୟମରେ ପଞ୍ଜୀକରଣ କରିପାରିବେ ।

********************************